# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**15 July – 2025**

**News Editor : Itishree Singh Rathaur**

*********************************

## ମୁଖ୍ୟ ସମ୍ବାଦ

- ଛାତ୍ରଛାତ୍ରୀମାନେ ନିଜେ ଚାକିରି କରିବା ଅପେକ୍ଷା ଅନ୍ୟମାନଙ୍କୁ ଚାକିରି ଦେବା ପାଇଁ ପ୍ରୟାସ କରିବା ଆବଶ୍ୟକ, ରେଭେନ୍ସା ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ କହିଲେ ରାଷ୍ଟ୍ରପତି
- ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ମୃତ୍ୟୁ ଘଟଣାରେ ପରିବାର ବର୍ଗଙ୍କ ପାଇଁ ୨୦ ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ
- ଆଉ କିଛି ସମୟ ମଧ୍ୟରେ ପୃଥିବୀପୃଷ୍ଠରେ ପହଞ୍ଚିବେ ଭାରତର ଶୁଭାଂଶୁ ଶୁକ୍ଲାଙ୍କ ସମେତ ଅନ୍ୟ ମହାକାଶଚାରୀ

ଏବଂ

- କୌଶଳ ଭାରତ ଅଭିଯାନକୁ ଆଜି ପୂରିଲା ୧୦ ବର୍ଷ

**ରାଷ୍ଟ୍ରପତି-ରେଭେନ୍‌ସା**

ଛାତ୍ରଛାତ୍ରୀମାନେ ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କୁ ଚାକିରି ଦେଇ ରୋଜଗାରକ୍ଷମ କରିବା ଦିଗରେ ପ୍ରୟାସ କରିବା ଆବଶ୍ୟକ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। କଟକ ରେଭେନ୍‌ସା ବିଶ୍ୱବିଦ୍ୟାଳୟରେ ତ୍ରୟୋଦଶ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ରାଷ୍ଟ୍ରପତି କହିଛନ୍ତି, ଉଦ୍‌ଯୋଗୀ ଲୋକଙ୍କ ପାଖରେ ସଫଳତା ଆସିଥାଏ...

**- V/O -**(President)

ରାଷ୍ଟ୍ରପତି କହିଛନ୍ତି, ଆଜି ନୂତନ ପ୍ରଯୁକ୍ତିବିଦ୍ୟା ଯୁଗରେ କୃତ୍ରିମ ବୁଦ୍ଧିମତ୍ତା, ମସିନ୍ ଲର୍ଣ୍ଣିଂ ଆଦି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଏହା ଚିନ୍ତା, ଚେତନା ଓ କାର୍ଯ୍ୟଶୈଳୀରେ ବ୍ୟାପକ ପରିବର୍ତ୍ତନ ଆଣିଛି। ତେବେ ନୂତନ ଜ୍ଞାନ କୌଶଳର ସଦ୍‌ବ୍ୟବହାର ହେବା ମଧ୍ୟ ଜରୁରୀ ହୋଇପଡିଛି ବୋଲି ଶ୍ରୀମତୀ ମୁର୍ମୁ କହିଛନ୍ତି।

ରାଷ୍ଟ୍ରପତି କହିଛନ୍ତି, ୨୦୪୭ ମସିହା ସୁଦ୍ଧା ଭାରତ ବିକଶିତ ରାଷ୍ଟ୍ରରେ ପରିଣତ ହେବା ଦିଗରେ ଅଗ୍ରସର ହେଉଛି। ଏଥିରେ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଭାରତକୁ ବିଶ୍ୱଗୁରୁ ହେବା ପାଇଁ କେବଳ ଯେ ଭିତ୍ତିଭୂମି, ବିଜ୍ଞାନ, ଅର୍ଥନୀତି, କଳାସଂସ୍କୃତି ଆଦିର ବିକାଶ ହେବା ଆବଶ୍ୟକ’ ତାହା ନୁହେଁ, ବରଂ ମାନବ ସମ୍ବଳର

ବିକାଶ ଅର୍ଥାତ୍ ଅନ୍ତର୍ନିହିତ ସମ୍ବଳର ବିକାଶ ହେବା ମଧ୍ଧ ଜରୁରୀ ବୋଲି ଶ୍ରୀମତୀ ମୁର୍ମୁ କହିଛନ୍ତି.....

**- V/O -**(President)

ସମାବର୍ତ୍ତନ ଉତ୍ସବରେ ୪ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଥିବାବେଳେ ୩୨୯ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା ।

କାର୍ଯ୍ୟକ୍ରମରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ । ଏହାପରେ ରାଷ୍ଟ୍ରପତି ରେଭେନ୍ସା ବାଳିକା ଉଚ୍ଚବିଦ୍ୟାଳୟର ୩ଟି ଅଟ୍ଟାଳିକାର ପୁନର୍ବିକାଶ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ଅପରାହ୍ଣରେ ରାଷ୍ଟ୍ରପତି ଆଦିକବି ସାରଳା ଦାସଙ୍କ ଜନ୍ମବାର୍ଷିକୀ ସମାରୋହରେ ଯୋଗଦେବା ସହ ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମ୍‌ରେ କଳିଙ୍ଗରତ୍ନ ସମ୍ମାନ ପ୍ରଦାନ ସମାରୋହରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ରାଷ୍ଟ୍ରପତି ସନ୍ଧ୍ୟାରେ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## ଅକ୍ସିଓମ-୪

ଭାରତୀୟ ମହାକାଶଚାରୀ ଗ୍ରୁପ୍ କ୍ୟାପଟେନ୍ ଶୁଭାଂଶୁ ଶୁକ୍ଲା ଏବଂ ଅକ୍ସିଓମ-୪ ମିଶନର ଅନ୍ୟ ତିନି ଜଣ କ୍ରୁ ସଦସ୍ୟ ଆଉ କିଛି ସମୟ ମଧ୍ୟରେ ମହାକାଶରୁ ପୃଥିବୀ ପୃଷ୍ଠକୁ ପ୍ରତ୍ୟାବର୍ତ୍ତନ କରିବେ । ଗତକାଲି ସଫଳତାର ସହ ଅନ୍‌ଡକିଂ

ପ୍ରକ୍ରିୟା ଶେଷ ହେବା ପରେ ସ୍ପେଶ୍ କ୍ରାପ୍ଟ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରରୁ ଅଲଗା ହୋଇଥିଲା। ଶୁଭାଂଶୁଙ୍କ ସମେତ ଅନ୍ୟ ମହାକାଶଚାରୀ ଭାରତୀୟ ସମୟ ଅପରାହ୍ନ ୩ଟାରେ ଭୂପୃଷ୍ଠରେ ପହଁଞ୍ଚିବେ ବୋଲି ଜଣାପଡିଛି। ଅବତରଣ ପରେ ସମସ୍ତ ମହାକାଶଚାରୀଙ୍କୁ ୭ ଦିନିଆ ପୁନର୍ବାସ ବ୍ୟବସ୍ଥାରେ ରଖାଯିବ। ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ସହିତ ଖାପଖୁଆଇବା ଲକ୍ଷ୍ୟ ନେଇ ଏହି ପଦକ୍ଷେପ ଗ୍ରହଣ କରାଯିବାକୁ ନିଷ୍ପତ୍ତି ହୋଇଛି। ଶ୍ରୀ ଶୁକ୍ଳା ଅନ୍ୟ ତିନିଜଣ ମହାକାଚାରୀଙ୍କ ସହ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରଠାରେ ୧୪ ଦିନ ଧରି ଅବସ୍ଥାନ କରି ବିଭିନ୍ନ ଗବେଷଣାତ୍ମକ କାର୍ଯ୍ୟରେ ସାମିଲ ଥିଲେ। ଆନ୍ତର୍ଜାତୀୟ ମହାକାଶ କେନ୍ଦ୍ରରେ ପହଁଞ୍ଚିବାରେ ଶ୍ରୀ ଶୁକ୍ଳା ପ୍ରଥମ ଭାରତୀୟ ହୋଇଥିବା ବେଳେ  ଓ୍ୱିଙ୍ଗ୍ କମାଣ୍ଡର ରାକେଶ ଶର୍ମାଙ୍କ ପରେ ଭାରତର ସେ ଦ୍ୱିତୀୟ ମହାକାଶଚାରୀ ହୋଇଛନ୍ତି।

## ଛାତ୍ରୀମୃତ୍ୟୁ ସହାୟତାରାଶି

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଙ୍କ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ପରିବାରବର୍ଗଙ୍କ ପାଇଁ ୨୦ ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି। ଏହି ଘଟଣାରେ ଜଡିତ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଗତକାଲି ଭୁବନେଶ୍ୱର ଏମ୍ସ୍‌ରେ ଚିକିତ୍ସାଧୀନ ଛାତ୍ରୀଙ୍କ ମୃତଦେହକୁ ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ

ହସ୍ତାନ୍ତର କରାଯାଇଥିଲା । ଆଜି ନିଜ ଗ୍ରାମ ପଳାସିଆରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି ।

## ଇ-କେଓ୍ୱାଇସି

ରାଜ୍ୟରେ ୨୦ ଲକ୍ଷ ୫୮ ହଜାର ରାସନକାର୍ଡ ଧାରୀ ଇ-କେଓ୍ୱାଇସି କରିନଥିବାରୁ ସେମାନଙ୍କର ରାସନ ସାମଗ୍ରୀ ବନ୍ଦ କରାଯାଇଛି ବୋଲି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ଇ-କେଓ୍ୱାଇସି କରିବା ପରେ ସେମାନଙ୍କୁ ରାସନ ସାମଗ୍ରୀ ମିଳିବ । ଏଥିପାଇଁ ସରକାର ୩ ମାସ ସମୟ ଧାର୍ଯ୍ୟ କରିଛନ୍ତି । ନେଟ୍‌ଓ୍ୱର୍କ ସମସ୍ୟା ଥିବା ଜିଲ୍ଲାଗୁଡ଼ିକରେ ନେଟ୍‌ଓ୍ୱର୍କ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରାଯାଇଛି । ୫ ବର୍ଷରୁ ଅଧିକ ବୟସର ପିଲାମାନେ ରାସନକାର୍ଡରେ ସାମିଲ ହେବେ ବୋଲି ମନ୍ତ୍ରୀ କହିଛନ୍ତି ।

## କୌଶଳ ଭାରତ

କୌଶଳ ଭାରତ ବା ସ୍କିଲ୍ ଇଣ୍ଡିଆ ଅଭିଯାନକୁ ଆଜି ୧୦ ବର୍ଷ ପୂରଣ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୫ ମସିହାରେ ଏହି ଅଭିଯାନର ଶୁଭାରମ୍ଭ କରିଥିଲେ । ଯୁବପିଢ଼ିଙ୍କୁ ଶିଳ୍ପସମ୍ପନ୍ନ କରାଇବା ସହ ସେମାନଙ୍କୁ ଦକ୍ଷତା ବିକାଶର ପ୍ରଶିକ୍ଷଣ ପ୍ରଦାନ କରି ନିଯୁକ୍ତି ଦେବା ଏବଂ ସମାବେଶୀ ଜୀବନଶୈଳୀ ଗଠନ ଦିଗରେ ପ୍ରେରଣା ଯୋଗାଇବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ । ଶୁଣନ୍ତୁ ଏ ସମ୍ପର୍କରେ ଏକ ରିପୋର୍ଟ.....

ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ମାଧ୍ୟମରେ ଦେଶ ଏକ ବିଶ୍ୱସ୍ତରୀୟ ଦକ୍ଷତାବିକାଶର ପେଣ୍ଠସ୍ଥଳି ପାଲଟିଛି । କେନ୍ଦ୍ର ଦକ୍ଷତାବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟ ଏହି ଯୋଜନା ମାଧ୍ୟମରେ ୬ କୋଟିରୁ ଊର୍ଦ୍ଧ୍ୱ ଯୁବକଙ୍କୁ ସଶକ୍ତ କରିଛି । ୨୦୧୫ ମସିହାଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୩୮ଟି କ୍ଷେତ୍ରରେ ୧ କୋଟି ୬୦ ଲକ୍ଷ ଯୁବକଯୁବତୀଙ୍କର ଦକ୍ଷତା ବିକାଶ କରାଯାଇଛି । ସେଥିମଧ୍ୟରୁ ୪୫ ପ୍ରତିଶତ ମହିଳା ଦକ୍ଷତା ବିକାଶ ପ୍ରଶିକ୍ଷଣ ନେଉଛନ୍ତି । ଏଥିରେ ଯୁବପିଢ଼ିଙ୍କୁ ସ୍ୱାସ୍ଥ୍ୟସେବା, ଆଇ.ଟି., ଇଲେକ୍ଟ୍ରୋନିକ୍ସ, କଳା ଏବଂ ହସ୍ତଶିଳ୍ପ ଆଦିର ପ୍ରଶିକ୍ଷଣ ଦିଆଯାଇଛି । ଜାତିସଂଘର ସାଧାରଣ ସଭାରେ ୨୦୧୪ ମସିହାରେ ଆଜିର ଦିନକୁ ବିଶ୍ୱ ଯୁବକୌଶଳ ଦିବସ ଭାବେ ପାଳନ କରାଯିବା ଲାଗି ନିଷ୍ପତ୍ତି ହୋଇଥିଲା ।

ଚଳିତବର୍ଷ କୃତ୍ରିମ ବୁଦ୍ଧିମତ୍ତା ଓ ଡିଜିଟାଲ କୌଶଳ ମାଧ୍ୟମରେ ଯୁବପିଢ଼ିଙ୍କୁ ସଶକ୍ତ କରିବାର ବାର୍ତ୍ତା ନେଇ ଏହି ଦିବସ ପାଳନ କରାଯାଉଛି । କେନ୍ଦ୍ର ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଜୟନ୍ତ ଚୌଧୁରୀ କହିଛନ୍ତି, ସ୍କିଲ୍ ଇଣ୍ଡିଆ ଯୋଜନା ମାଧ୍ୟମରେ ଯୁବପିଢ଼ିଙ୍କୁ ସଶକ୍ତ କରିବାର ଲକ୍ଷ୍ୟ ରଖାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏହି ଅଭିଯାନ ଅନେକଙ୍କ ଜୀବନରେ ପରିବର୍ତ୍ତନ ଆଣିବା ସହ ମହିଳା ଏବଂ ପଛୁଆ ବର୍ଗଙ୍କ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିଛି ବୋଲି ଶ୍ରୀ ଚୌଧୁରୀ କହିଛନ୍ତି ।

*ସତରେ ବର୍ତ୍ତମାନର ଯୁଗରେ ଦକ୍ଷତା ବିକାଶ ଯୁବକଙ୍କ ସଶକ୍ତୀକରଣ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ସହ ସେମାନଙ୍କୁ ସ୍ୱାବଲମ୍ବୀ କରିବା ଦିଗରେ ଆଶାର ନୂତନ କିରଣ ସାଜିଛି ।*

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସତ୍ୟବ୍ରତ ବେହୁରା

## କୌଶଳ ତାଲିମ

କେନ୍ଦ୍ର ସରକାରଙ୍କ ଦକ୍ଷତାବିକାଶ କୌଶଳ ତାଲିମ୍ ବିଭାଗ ଏବଂ **ଭଦ୍ରକ** ଜିଲ୍ଲା ପ୍ରଶାସନ ପକ୍ଷରୁ ରାଣୀତାଲଠାରେ ବିଶ୍ୱ ଯୁବ ଦକ୍ଷତା ଦିବସ ପାଳିତ ହୋଇଛି । ଯୁବକଯୁବତୀମାନେ ଆତ୍ମନିର୍ଭରଶୀଳ ହେବା ସହ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ ହୋଇ ରୋଜଗାରକ୍ଷମ ହେବାକୁ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି ।

## ପ୍ରଶିକ୍ଷଣ ଶିବିର

ଚାଷୀମାନଙ୍କ ଉତ୍ପାଦିତ ସାମଗ୍ରୀକୁ ଦ୍ୱି-ଗୁଣିତ କରିବା ଉଦ୍ଦେଶ୍ୟରେ **ବଲାଙ୍ଗିର** ଜିଲ୍ଲାର ୧୫ଟି କୃଷି ଉତ୍ପାଦକ କମ୍ପାନୀର ୩ ଦିନିଆ ଆବାସିକ କ୍ଷମତା ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି । କାର୍ଯ୍ୟକ୍ରମକୁ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଉଦ୍‌ଘାଟନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୫୦ ଜଣ ପ୍ରତିଭାଗୀ ଅଂଶଗ୍ରହଣ କରିଛନ୍ତି ।

## ପ୍ରକଳ୍ପ ଉଦ୍‌ଘାଟିତ

**ନୟାଗଡ଼** ଜିଲ୍ଲା ଖଣ୍ଡପଡା ସହରାଞ୍ଚଳରେ ବିଭିନ୍ନ ନବନିର୍ମିତ ପ୍ରକଳ୍ପକୁ କଟକ ସାଂସଦ ଭର୍ତ୍ତୃହରି ମହତାବ ଏବଂ ଖଣ୍ଡପଡା ବିଧାୟକ ଗତକାଲି ଉଦ୍‌ଘାଟନ କରିଛନ୍ତି। ସହରାଞ୍ଚଳର ୧ ନମ୍ବର ଓ୍ୱାର୍ଡରେ ନିର୍ମିତ ଆଦର୍ଶ ଶ୍ମଶାନ ଘାଟ, ବାବା ବାଲୁଙ୍କେଶ୍ୱର ପୀଠରୁ କୁନ୍ଦୁରା ସାହି ପର୍ଯ୍ୟନ୍ତ ନବନିର୍ମିତ ରାସ୍ତା ଏବଂ ଶାନ୍ତିଧାମ ହନୁମାନ ପୀଠରେ ନିର୍ମିତ ଶୌଚାଳୟ ଉଦ୍‌ଘାଟିତ ହୋଇଛି।

## ବାଇକ୍ ପାଟ୍ରୋଲିଂ

**ଗଞ୍ଜାମ** ଜିଲ୍ଲା ବ୍ରହ୍ମପୁର ପୁଲିସ୍ ପକ୍ଷରୁ ଜିଲ୍ଲାରେ ଅପରାଧିକ କାର୍ଯ୍ୟକଳାପ ରୋକିବା ଏବଂ ପାଟ୍ରୋଲିଂ ସୁବ୍ୟବସ୍ଥିତ କରିବା ପାଇଁ ବାଇକ୍ ପାଟ୍ରୋଲିଂ ଆରମ୍ଭ ହୋଇଛି। ଦକ୍ଷିଣାଞ୍ଚଳ ଆଇ.ଜି. ନୀତିଶେଖର ୧୫ଟି ନୂତନ ପାଟ୍ରୋଲିଂ ବାଇକ୍‌ର ଶୁଭାରମ୍ଭ କରିଛନ୍ତି। ଜିଲ୍ଲାର ବିଭିନ୍ନ ଥାନାକୁ ୧୦ଟି ବାଇକ୍ ପଠାଯାଇଥିବାବେଳେ ବ୍ରହ୍ମପୁର ସହରରେ ୫ଟି ବାଇକ୍ ପାଟ୍ରୋଲିଂ କରିବ ବୋଲି ସୂଚନା ଦିଆଯାଇଛି।

# ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଅଧିକ ଘନୀଭୂତ ହୋଇ ଅବପାତରେ ପରିଣତ ହେବା ପରେ ସୁଦୃଶ୍ୟ ଲଘୁଚାପରେ ପରିଣତ ହୋଇ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଗତି କରିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଝାଡଖଣ୍ଡ ଏବଂ ଦକ୍ଷିଣ ବିହାର ଆଡକୁ ଗତି କରିବାର ସମ୍ଭାବନା ରହିଛି। ପ୍ରଭାବରେ ରାଜ୍ୟରେ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗି

ରହିବ। ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିଭଳି ୧୧ଟି ଜିଲ୍ଲାରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ଥିବାରୁ ସତର୍କ ସୂଚନା ଜାରି କରାଯାଇଛି।

ହୀରାକୁଦ ଜଳଭଣ୍ଡାରର ଜଳସ୍ତର ଆଜି ମଧ୍ୟାହ୍ନ ୧୨ ଟା ସୁଦ୍ଧା ୬୦୭ ଦଶମିକ ୬/୨ ଫୁଟ ରହିଥିଲା। ବର୍ତ୍ତମାନ ଜଳଭଣ୍ଡାରର ୨ଟି ସ୍ଲୁଇସ୍ ଗେଟ୍ ଦେଇ ଜଳ ନିଷ୍କାସିତ ହେଉଛି।

*********************************